# ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚର ସମୀକ୍ଷା କଲେ ପର୍ଯ୍ୟବେକ୍ଷକ ।

ଅନୁଗୋଳ,ତା.୨୦.୦୬.:-ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ରାମେଶ୍ୱର ପ୍ରସାଦ ମିନା ଓ ଭି ଏନ୍ ତ୍ରିବେଦୀ ମଙ୍ଗଳବାର ପୂର୍ବାହ୍ନରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚର ସମୀକ୍ଷା କରିଛନ୍ତି । ପାଲଲହଡା,ତାଳଚେର ଓ ଅନୁଗୋଳ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ମିନା ଏବଂ ଆଠମଲ୍ଲିକ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ପାଇଁ ଶ୍ରୀ ତ୍ରିବେଦୀ ଯଥାକ୍ରମେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଓ ପଞ୍ଚାୟତ ସାଧନ କେନ୍ଦ୍ରର ସଭାଗୃହ ଠାରେ ପ୍ରାର୍ଥୀମାନଙ୍କର ରେଜିଷ୍ଟ୍ରାର ଓ ବ୍ୟାଙ୍କ ଖାତାକୁ ତନଖି କରିବା ସହ ସମସ୍ତ ଖର୍ଚ୍ଚକୁ ମିଳାଇଥିଲେ । ବିଧାୟକ ପ୍ରାର୍ଥୀମାନଙ୍କ ପାଇଁ ଧାର୍ଯ୍ୟ ୨୮ ଲକ୍ଷ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ୭୦ ଲକ୍ଷ ଟଙ୍କା ମଧ୍ୟରେ ହୋଇଥିବା ସମସ୍ତ ପ୍ରକାର ଖର୍ଚ୍ଚର ହିସାବ ନିକାଶ କରିଥିଲେ । ନିର୍ବାଚନ କମିଶନଙ୍କ ନିୟମାବଳୀ ଆଧାରରେ ମୁଖ୍ୟତଃ ପ୍ରାର୍ଥୀମାନଙ୍କ ଦ୍ୱାରା ହୋଇଥିବା ସଭା ସମିତି ଓ ଶୋଭାଯାତ୍ରା ଡଳିୟ ବୈଠକ,ଗାଡି ବ୍ୟବହାର ,ପୋଷ୍ଟର ,ବ୍ୟାନର ଓ ପତ୍ରିକା ଛପାଇବା, ତାରକା ପ୍ରଚାରକ,ମାଇକ୍ ବ୍ୟବହାର ଓ ଅନ୍ୟାନ୍ୟ ବାବଦରେ ପ୍ରଦାନ କରାଯାଇଥିବା ଖର୍ଚ୍ଚକୁ ପର୍ଯ୍ୟବେକ୍ଷକମାନେ ତୁଳନାତ୍ମକ ଭାବେ ସମୀକ୍ଷା କରିଥିଲେ । ଏହି ନିର୍ବାଚନୀ ଖର୍ଚ୍ଚର ବୃତାନ୍ତ ପ୍ରକ୍ରିୟା ଚଳିତ ମାସ ୨୩ ତାରିଖରେ ଶେଷ ହେବ । ଏହି ୨ଟି ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଯୋଗ ଦେଇ ପର୍ଯ୍ୟବେକ୍ଷକଙ୍କୁ ନିର୍ବାଚନ ଖର୍ଚ୍ଚ ସମ୍ପର୍କୀୟ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଏହଛଡା ଏହି ୨ଟି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅବିନାଶ କୁମାର ମହାନ୍ତି, ଡେପୁଟୀ କଲେକ୍ଟର(ନିର୍ବାଚନ) ଶ୍ରୀ ଲମ୍ବୋଦର ମାରାଣ୍ଡି, ଡେପୁଟୀ କଲେକ୍ଟର ଶ୍ରୀ ବୈଦ୍ରୁବା ଦିପ୍, ପର୍ଯ୍ୟବେକ୍ଷକଙ୍କ ଲିଆସନ୍ ଅଫିସର ତଥା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡି ପି ଓ ଶ୍ରୀ ପ୍ରଦୋଶ କୁମାର ଶତପଥିଙ୍କ ସମେତ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ,ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ପ୍ରାର୍ଥୀ ଓ ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟମାନେ ଯୋଗ ଦେଇଥିଲେ ।




ACCOUNT RECONCILIATION MEETING
WITH THE CANDIDATES/ ELECTION AGENTS
IN DISPOSING OF THE CASES RELATING TO ELECTION EXPENSES OF THE CANDIDATES
FOR THE SIMULTANEOUS GENERAL ELECTIONS, 2019
AC & 63- ATHAMALLIK AC
Hall, Angul
Election Officer, Angul

